25-3-73

ତା ୨୪-୩-୭୩

ସାପ୍ତାହିକ ସାହିତ୍ୟ ଆଲୋଚନା

-ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିଷ୍ଠିତ 'ନବଭାରତ'ର ସ୍ଥାୟୀ ସ୍ତମ୍ଭ-

ମହାଜାତୀୟ ଚେତନା ଭାରତ ପକ୍ଷରେ ନୂଆ କି

ଶ୍ରୀ ମନୋଜ ଦାସ

(ଲେଖକଙ୍କର ଏଇ ପ୍ରବନ୍ଧଟି ଭାରତର ମୁଖ୍ୟ ଇଂରାଜୀ ଦୈନିକ "The Hindu"ର ସାଧାରଣତନ୍ତ୍ର ବିଶେଷାଙ୍କରେ Is Nation concept New to India ? ଶିରୋନାମାରେ ପ୍ରକାଶିତ ହୋଇଛି । ପ୍ରବନ୍ଧର ଗୁରୁତ୍ୱ ଦୃଷ୍ଟିରୁ ତାହାର ଭାଷାନ୍ତର ଏଠାରେ ଦିଆଗଲା । ତେବେ ମୂଳ ପ୍ରବନ୍ଧରେ ବ୍ୟବହୃତ ଉଦ୍ଧୃତିଗୁଡ଼ିକୁ ଏଥିରେ ବାଦ ଦିଆଯାଇଛି ।)

ନିକଟରେ ମୁଜାଫରପୁରଠାରେ ଅନୁଷ୍ଠିତ ଭାରତୀୟ ଇତିହାସ କଂଗ୍ରେସର ଉଦ୍‌ଯାପନ ଦିବସରେ ବିଦାୟୀ ସଭାପତି ଶ୍ରୀଯୁକ୍ତ ସୁଶୋଭନ ସରକାର ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ମହାଜାତି-ଚେତନା ଭାରତବର୍ଷ ପକ୍ଷରେ ଏକ ନୂଆ କଥା; କେତେକ ଅନ୍ୟାନ୍ୟ ଦେଶ ଭଳି ଭାରତ କ୍ଷେତ୍ରରେ ମଧ୍ୟ ଜାତୀୟତା ଏକ ନୂତନ ଭାବଧାରା; ଭାରତବର୍ଷ ପ୍ରକୃତରେ ଅନେକଗୁଡ଼ିଏ ଜାତିର ସମଷ୍ଟି; ପ୍ରତ୍ୟେକଙ୍କର ଅଲଗା ଅଲଗା ଇତିହାସ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ସବୁ 'ଜାତି' ଭବିଷ୍ୟତରେ ନିଜ ନିଜ ରାସ୍ତା ଧରିପାରନ୍ତି, ତାହା ଯେତେ ଦୁର୍ଭାଗ୍ୟଜନକ କଥା ହେଉନା କାହିଁକି ।

ଭଗବାନ ଅଛନ୍ତି କି ନାହିଁ, ଏ ପ୍ରଶ୍ନ ଯିମିତି ଦର୍ଶନର ପରିସର ଅତିକ୍ରମ କରିଯାଏ, ଭାରତବର୍ଷ କ୍ଷେତ୍ରରେ ମହାଜାତୀୟ ଚେତନା ନୂତନ କି ପୁରାତନ, ଏ ପ୍ରଶ୍ନ ମଧ୍ୟ ସେହିପରି ଇତିହାସର ପରିସର (ଗତାନୁଗତିକ ଅର୍ଥରେ) ଅତିକ୍ରମ କରିଯାଉଛି ବୋଲି ମୋର ଧାରଣା । ତେଣୁ ଇତିହାସବିତ୍ ନ ହୋଇ ମଧ୍ୟ ଏ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେବାର ସାହସ ମୁଁ ପୋଷଣ କରୁଛି ।

ସତ କଥା କହିବାକୁ ଗଲେ, ଜାତୀୟତାବୋଧ ଭାରତବର୍ଷ ପକ୍ଷରେ ନୂଆ ନୁହେଁ; ଯାହା ନୂଆ, ତାହା ହେଲା ଆମର କେତେକ ବୁଦ୍ଧିଜୀବୀମାନଙ୍କର ଏହିପରି ବିପରୀତଧର୍ମୀ ଶୃଙ୍ଖଳ୍ୟକର ଆବିଷ୍କାର ! ସେମାନଙ୍କୁ ହୁଏତ ପୁରାପୁରି ଦାୟୀ କରିବା ଉଚିତ ହେବ ନାହିଁ । ମହାଜାତିର ସଂଜ୍ଞା କ'ଣ ? ଏ ସମ୍ପର୍କରେ ପାଶ୍ଚାତ୍ୟ ପ୍ରଜ୍ଞା ଯେତିକି ଆଲୋକପାତ କରିଛି, ତାହାରି ସହାୟତାରେ ଆମର ବିଦ୍ୱାନ୍‌ଙ୍କ [illegible] [illegible] ଯେ, ଭାରତରେ [illegible] ସାଂସ୍କୃତିକ ଐକ୍ୟ ଥାଇପାରେ, କିନ୍ତୁ ଏକ ମହାଜାତି ବୋଲାଇବାର ହକ୍‌ଦାର ସିଏ ନୁହେଁ ।

ଅଦ୍ୱିତୀୟ ମହାନ୍ ସଭ୍ୟତା

ପାଶ୍ଚାତ୍ୟ ପ୍ରଜ୍ଞା ପ୍ରବର୍ତ୍ତିତ ଜାତୀୟତାର ସଂଜ୍ଞା ସମ୍ପର୍କରେ ଏଠାରେ ଆଲୋଚନା କରି ଲାଭ ନାହିଁ । ସେ ସବୁ ବହୁବାର ଆଲୋଚିତ ହୋଇଛି । ସେ ସଂଜ୍ଞାର କେତୋଟି ଧାରା ଭାରତ ପ୍ରତି ପ୍ରଯୁଜ୍ୟ, କେତୋଟି ପ୍ରଯୁଜ୍ୟ ନୁହେଁ । କିନ୍ତୁ ଧରନ୍ତୁ, କୌଣସି ଗୋଟାଏ ଧାରା ମଧ୍ୟ ଭାରତବର୍ଷ ପ୍ରତି ପ୍ରଯୁଜ୍ୟ ହେଉ ନ ଥାନ୍ତା । ତାହା ହେଲେ ଆମକୁ ଏକ ମୌଳିକ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ଏ ପ୍ରଶ୍ନ ଏକାନ୍ତ ବିରାଟ; ଭାରତବର୍ଷର ସଭ୍ୟତା ଅନନ୍ୟ ବୋଲି ଆଜି ସର୍ବଜନସ୍ୱୀକୃତ; ଇତିହାସରେ କୌଣସି ସଭ୍ୟତା ଏତେ ହଜାର ବର୍ଷ ଧରି ଜୀବନ୍ତ ଓ ଧାରାବାହିକ ହୋଇ ରହିବାର ଦୃଷ୍ଟାନ୍ତ ନାହିଁ । ପୁଣି, ଏହାର ବିଶେଷତ୍ୱ ଏପରି ଯେ, ବହିରାଗତ ବହୁ ଜାତି ଉପଜାତି (Race ଅର୍ଥରେ) ବହୁ ସାଂସ୍କୃତିକ ଓ ଆଚାରଗତ ପ୍ରଭାବକୁ ଏହା ସ୍ୱାଗତ କରି ନିଜର ଅନ୍ତର୍ଭୁକ୍ତ କରିନେଇଛି; ଅଥଚ ଏହାର ନିଜସ୍ୱ ମୌଳିକ ମହିମା ମ୍ଳାନ ହୋଇ ନାହିଁ । ବର୍ତ୍ତମାନ ପ୍ରଶ୍ନଟି ହେଲା ଏକ ଅନ୍ତର୍ନିହିତ ସୁଦୃଢ଼ ମହାଜାତୀୟ ଚେତନାର ଆଧାର ବ୍ୟତିରେକେ ଏଭଳି ଏକ ଅନନ୍ୟ ଅବିସମ୍ବାଦିତ ସଭ୍ୟତାର ସ୍ଫୁରଣ ବିକାଶ ଓ ପ୍ରତିଷ୍ଠା ସମ୍ଭବପର କି ? ଏଭଳି ଏକ ସଭ୍ୟତାର ଧାରକ ଯେଉଁ ଦେଶ ତାହାକୁ "ଅନ୍ୟାନ୍ୟ କେତେକ ଦେଶ" ସହିତ ପଙ୍‌କ୍ତିଭୁକ୍ତ କରି "ଜାତୀୟତାବୋଧ" ତା' ପକ୍ଷରେ ନୂତନ ଅଭିଜ୍ଞତା ବୋଲି କହି ଦିଆଯାଇ ପାରିବ କି ? ଆକୁମାରୀ ହିମାଚଳ ଯେଉଁ ଦେଶର ଜନତା ଯୁଗ ଯୁଗ ଧରି ବେଦ, ଉପନିଷଦର ଦିବ୍ୟ ଦୃଷ୍ଟିକୁ, ରାମାୟଣ, ମହାଭାରତ ଭଳି ସର୍ବୋତ୍ତମ ମହାକାବ୍ୟକୁ ନିଜର ବୋଲି ଗୌରବବୋଧ କରି ଆସିଛି, ତୁଳସୀଦାସ, ବିଦ୍ୟାପତି, ଜୟଦେବ, ରାମଦାସ, ତୁକାରାମ, କାମ୍ବାନ୍ ତିରୁଭଲ୍ଲୁଭର ପ୍ରମୁଖ ବିଦଗ୍ଧ ସ୍ରଷ୍ଟାମାନଙ୍କ କୃତି ସହିତ ନିଜର ଭାବଧାରା ଓ ଆବେଗକୁ ସାମିଲ କରି ପୁରୁଷ ପୁରୁଷ ଧରି ତିଷ୍ଠି ରହିଆସିଛି ସେଇ ଅସାଧାରଣ ସର୍ଜନଶୀଳ ଜନତା କ୍ଷେତ୍ରରେ 'ମହାଜାତି'ର ଏକ ନିଜସ୍ୱ, ଅସାଧାରଣ ସଂଜ୍ଞା ଥିବା ସମ୍ଭବପର କି ନୁହେଁ ?

ସ୍ୱକୀୟ ସଂଜ୍ଞାରେ ଭାସ୍ୱର

ଜାତୀୟତାର ଯେଉଁ ସଂଜ୍ଞା ସାଧାରଣ ଭାବରେ ଗୃହୀତ, ତାହା ତୁଳନାରେ ବହୁତ ମହତ୍ ଓ ବିଶିଷ୍ଟ ଗୋଟାଏ ଐକ୍ୟ ଶକ୍ତି ଭାରତୀୟ ଚେତନାରେ ରହିଛି । ଯେଉଁ ସାଂସ୍କୃତିକ ଐକ୍ୟର ସତ୍ୟତା ସମ୍ପର୍କରେ ମତବିରୋଧ ନାହିଁ, ଏପରିକି ସେହି ସାଂସ୍କୃତିକ ଐକ୍ୟ ମଧ୍ୟ ସେହି ମୌଳିକ ଐକ୍ୟ ଶକ୍ତିର ଏକ ପ୍ରକାଶ ମାତ୍ର ।

ସେହି ମୌଳିକ ଐକ୍ୟ ହେଲା ଆଧ୍ୟାତ୍ମିକ ଐକ୍ୟ । ଭାରତର ଏ ପରମ୍ପରା ଅଦ୍ୱିତୀୟ ! ସର୍ବୋତ୍ତମ ସତ୍ୟ (Altinate Reality)ର ଅବିଚ୍ଛିନ୍ନ ଅନୁସନ୍ଧାନରେ ଭାରତର ଯେଉଁ ପରମ୍ପରା ରହିଛି ତାହା ଅନ୍ୟ କୌଣସି ମହାଜାତିର ଇତିହାସରେ ନାହିଁ । ଦୁଇଟି ଜାତୀୟ ମହାକାବ୍ୟର ଚରିତ୍ର, ଆଦର୍ଶ, ଦର୍ଶନ ଓ ପ୍ରେରଣା ଯେପରିଭାବରେ ପୁରୁଷ ପୁରୁଷବ୍ୟାପୀ ଭାରତୀୟ ମାନସକୁ ଅନୁପ୍ରାଣିତ କରି ଆସିଛି, ଅନ୍ୟ କୌଣସି ଜାତିର ଇତିହାସରେ ତାହାର ପଟାନ୍ତର ନାହିଁ । ଆବାଲ୍ୟ ସ୍ୱପ୍ନ, କଳ୍ପନା ଓ ଆବେଗରେ ଭାରତୀୟ ଜନମାନସ ଯେପରିଭାବରେ ମହାଭାରତ ଓ ରାମାୟଣର ବାତାବରଣ ଭିତରେ ନିଜକୁ ଜଡ଼ିତ କରି ଦେଇଥାଏ, ଯାହା ଭାରତର ନିଜସ୍ୱ ଚାରିତ୍ରିକ ବିଶେଷତ୍ୱ । ସାର୍ବଜନୀନ ଆବେଗର ଏଭଳି ଏକ ଆଶ୍ଚର୍ଯ୍ୟଜନକ ଏକତ୍ୱ ହିଁ ଏକ ବ୍ୟାପକ ଜନଜୀବନକୁ ଗୋଟାଏ ମହାଜାତିରେ ପରିଣତ କରିବାକୁ ଯଥେଷ୍ଟ । କେତେ ଜଣ ବିଦ୍ୱାନଙ୍କ ଚିନ୍ତାସମ୍ମତ ସଂଜ୍ଞା ସହିତ ଖାପ୍ ନ ଖାଉଛି ବୋଲି ଏଇ ସତ୍ୟର ବାସ୍ତବତା ମଳିନ ହୋଇଯିବ ନାହିଁ । ଭାରତୀୟ ମହାଜାତି ପାଶ୍ଚାତ୍ୟ ବିଦ୍ୟା ନିର୍ଦ୍ଧାରିତ ନିୟମର ଏକ ଉଜ୍ଜ୍ୱଳ ବ୍ୟତିକ୍ରମ । ସମସ୍ତ ଭାଷାଗତ, ଧର୍ମଗତ ଓ ଗୋଷ୍ଠୀଗତ ବିଭିନ୍ନତା ସତ୍ତ୍ୱେ ଭାରତ ଏକ ମହାଜାତି । ଜାତୀୟ ଏକତାର ଗତାନୁଗତିକ ନିୟମାବଳୀଠାରୁ ବହୁ ଗୁଣ ଅଧିକ ସୁଦୃଢ଼ ଚେତନାର ଐକ୍ୟ ଉପରେ ପ୍ରତିଷ୍ଠିତ ତାର ପରମ୍ପରା ।

ସୁନିର୍ଦ୍ଧାରିତ ସୀମା

ଅତୀତରେ ଭାରତବର୍ଷ ବହୁ ରାଜ୍ୟର ସମାବେଶରେ ସମୃଦ୍ଧ ହୋଇଥିଲେ ମଧ୍ୟ ମହାଜାତି ହିସାବରେ ଏହାର ସୀମା ବାୟୁ ପୁରାଣ ଓ ବିଷ୍ଣୁପୁରାଣ ଭଳି ସୁପ୍ରାଚୀନ ଗ୍ରନ୍ଥମାନଙ୍କରେ ସୁନିର୍ଦ୍ଦିଷ୍ଟ ରହିଛି । (କେଇ ବର୍ଷ ତଳ ଯାଏ ବି ତ ଭାରତବର୍ଷରେ ତିନି ଶହରୁ ଅଧିକ 'ରାଜ୍ୟ' ରହିଥିଲା ।) ଜଣେ ଭାରତୀୟ ତା'ର ଚୂଡ଼ାନ୍ତ ବଶ୍ୟତା (Supreme Allegea [illegible]) ସାଂସାରିକ ଶାସକ ରାଜା ପାଖରେ ସ୍ୱୀକାର କରୁନଥିଲା; କରୁଥିଲା ତା'ର ଆଧ୍ୟାତ୍ମିକ ପ୍ରେରଣା ପାଖରେ । ଯେହେତୁ ଏଇ ଆଦର୍ଶ ଥିଲା ଦେଶବ୍ୟାପୀ, ସାର୍ବଜନୀନ; ତେଣୁ ଭାରତର ଏକ ରାଜ୍ୟର ଲୋକ ଅନ୍ୟ ରାଜ୍ୟରେ ନିଜକୁ ବିଦେଶୀ ବୋଲି ବିଚାରୁ ନ ଥିଲା । ପ୍ରତୀକଭାବରେ, ଭାରତର ଶେଷ ଦକ୍ଷିଣ ବିନ୍ଦୁର ରକ୍ଷୟିତ୍ରୀ, ଅଧିଷ୍ଠାତ୍ରୀ ଦେବୀ କନ୍ୟାକୁମାରୀ ହେଲେ ହିମାଚଳର କନ୍ୟା । ଅଗସ୍ତ୍ୟ ମୁନି ସୁଦୂର ଉତ୍ତରରୁ ଆସି ଦକ୍ଷିଣରେ ଆଶ୍ରମ ସ୍ଥାପନ କରିଥିଲେ; ଦକ୍ଷିଣରୁ ଯାଇ ଉତ୍ତର ଦିଗନ୍ତରେ ପ୍ରଭାବ ବିସ୍ତାର କରିଥିଲେ ଶଙ୍କରାଚାର୍ଯ୍ୟ । ଏହାର କାରଣ, ଏମାନଙ୍କ ଚେତନାରେ ଭାରତୀୟ ମହାଜାତିର ଏକତ୍ୱ ସମ୍ପର୍କରେ କୌଣସି ସନ୍ଦେହ ନ ଥିଲା । ସେମାନଙ୍କ ସମୟର ସାଧାରଣ ଜନତା ଭିତରେ ଯିମିତି, ସେମାନଙ୍କ ଚିତ୍ତରେ ବି ସିମିତି ଏଇ ଆଧ୍ୟାତ୍ମିକ ଭୂଖଣ୍ଡର ମାନଚିତ୍ର ସ୍ୱତଃସ୍ଫୂର୍ତ୍ତ ରୂପେ ଅଙ୍କିତ ରହିଥିଲା ।

ଐକ୍ୟର ପ୍ରତୀକ ସଂସ୍କୃତ

ମାନ୍ଦ୍ରାଜରେ ଅନୁଷ୍ଠିତ ଗତ ବିଶ୍ୱ ତାମିଲ ସମ୍ମିଳନୀରେ ମନୀଷୀ ଜ୍ୟାଁ ଫିଲିଓଜାଟ୍ (Fea filliozapt) ଅଭ୍ରାନ୍ତ ତଥ୍ୟ ଉପସ୍ଥାପିତ କରି ସାବ୍ୟସ୍ତ କରିଥିଲେ ଯେ, ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ସମଗ୍ର ଭାରତରେ ସଂସ୍କୃତ ଥିଲା ବହୁଳ ପ୍ରଚଳିତ ଭାଷା । (ଆଜିର ଅର୍ଥରେ ଜାତୀୟ ଭାଷା ବୋଲି କୁହାଯାଇପାରେ ।) ତାମିଲ ରାଜାମାନେ ସଂସ୍କୃତ ଭାଷା ଜରିଆରେ ହିଁ ଦକ୍ଷିଣ-ପୂର୍ବ ଦେଶମାନଙ୍କରେ ସେମାନଙ୍କ ସାଂସ୍କୃତିକ ପ୍ରଭାବ ବିସ୍ତାର କରିଥିଲେ । ଏଠାରେ ସ୍ମରଣ ରଖିବା ଦରକାର ଯେ ଭାରତର ଯେଉଁସବୁ ଆଧୁନିକ ଭାଷା ଆଜି ସୂକ୍ଷ୍ମ ବୈଚିତ୍ର୍ୟର ହେତୁ ହେବା ପରିବର୍ତ୍ତେ ବିଭେଦ ଓ ସଂଘର୍ଷର କାରଣ ହୋଇଛନ୍ତି ସେ ସବୁରୁ ଅଧିକାଂଶଙ୍କ ଜନ୍ମ ଖ୍ରୀଷ୍ଟପର ଦ୍ୱାଦଶରୁ ଷୋଡ଼ଶ ଶତକ ଭିତରେ । ସମଗ୍ର ଭାରତର ଆତ୍ମାର ଭାଷା ଭାବରେ ଦୀର୍ଘକାଳବ୍ୟାପୀ ସଂସ୍କୃତ ହିଁ ଥିଲା ତାର ଏକତ୍ୱର ପ୍ରତୀକ ।

ସାମାଜିକ ସହଯୋଗ

ରାଜ୍ୟ ରାଜ୍ୟ ଭିତରେ ସଂଘର୍ଷ ଥିଲା; ଯିମିତି ଆଜି ବି ରହିଛି । କିନ୍ତୁ ସହଯୋଗର ପ୍ରମାଣ ଆହୁରି ଶକ୍ତିଶାଳୀ—ଏକ ମହାଜାତୀୟ ପରିବାର ଭିତରେ କେବଳ ଯାହା ସମ୍ଭବପର । ଆଜି ଭାରତର ରାଜ୍ୟମାନେ ପରସ୍ପର ଯେଉଁ ମନୋଭାବ ପୋଷଣ କରୁଛନ୍ତି, ସେଥିରେ ଏଠାରେ ଗୋଟାଏ ଉଦାହରଣ ଦେଲେ ସେମାନେ ଅସ୍ୱ ଅନୁଭବ କରିବେ । ତଥାପି ଉଦାହରଣ ଦେଉଛି; ହଜାର ହଜାର ବର୍ଷ ତଳେ ଅ ଚୋଳ ରାଜ୍ୟରେ ଦାରୁଣ ଜଳାଭାବ ଦେଖା ଗଲା । କାଞ୍ଚୀମନ ରାଜାଙ୍କ ତରଫରୁ ଜ ଋଷି ଯାଇ କୁର୍ଗର ଅଧିପତିଙ୍କୁ ଏକ ଜଣାଇଲେ ଓ ଚୋଳ ରାଜ୍ୟର ବିପତ୍ତି ଦୂ କରିବା ଦିଗରେ ସେ ନିଜେ ଯେଉଁ ପ କଳ୍ପନା କରିଥିଲେ ତାହା ପ୍ରକାଶ କଲେ କୁର୍ଗର ରାଜା ତାହା ଗ୍ରହଣ କଲେ । ଫଳ ଏକ ନବୋଦ୍‌ଗତ ନଦୀର ସମଗ୍ର ଗତିପଥ ପରିବର୍ତ୍ତିତ କରି ଦିଆଗଲା । ନଦୀଟି ପ୍ରବାହି ହୋଇଆସିଲା ଚୋଳ ରାଜ୍ୟ ଭିତରକୁ । କୁର୍ଗର ରାଜାଙ୍କ ନାମ ଥିଲା କାବେର ତାଙ୍କ ନାମକୁ ସ୍ମରଣୀୟ କରିବା ପା ନଦୀଟିର ନାମ ଦିଆଗଲା କାବେରୀ । (ହାୟ ! ଆଜି ଏହି କାବେରୀ ନଦୀ ଜଳସମ୍ପଦକୁ ନେଇ ଦୁଇଟି ରାଜ୍ୟ ଭିତ ବର୍ଷ ବର୍ଷ ଧରି କନ୍ଦଳ ଲାଗି ରହିଛି ।)

ଉପରୋକ୍ତ କାହାଣୀଟି ପ୍ରାଚୀନ ତାମି ସଙ୍ଗମ କାବ୍ୟ "ମାନିମେକଲଇ"ରେ ପଢ଼ି ବାକୁ ମିଳେ । ଏ କାହାଣୀର ଐତିହାସିକ ସମ୍ପର୍କରେ ପ୍ରଶ୍ନ ଉଠିପାରେ । କିନ୍ତୁ କାହା ଣୀଟିର ଅନ୍ତର୍ନିହିତ ବକ୍ତବ୍ୟ ସମ୍ପର୍କ ପ୍ରଶ୍ନର ଅବକାଶ ନାହିଁ ।

ଶ୍ରୀଯୁକ୍ତ ସୁଶୋଭନ ସରକାରଙ୍କ ଉ ଯଦି ସତ୍ୟ ହୁଏ, ଏବଂ ଭାରତର ତଥାକଥି 'ଜାତି'ମାନେ ନିଜ ନିଜ ରାସ୍ତା ଧର ତେବେ ତାହା ଏକାନ୍ତ ଦୁର୍ଭାଗ୍ୟଜନ ହେବ ସନ୍ଦେହ ନାହିଁ । ଯଦି ତାହା ହୁ ତେବେ ପ୍ରାଚୀନ ଭାରତୀୟ ଚେତନାରେ ମହାଜାତୀୟବୋଧ ନ ଥିଲା ବୋଲି ତାହା ହେବ, ସେ କଥା ନୁହେଁ । ଆ ଆମ ଐକ୍ୟର ପ୍ରକୃତ ଭିତ୍ତି ଭୁଲିଯା ବୋଲି ତାହା ହେବ । ଆମ ସଙ୍ଘ କଳହ ଓ ଆତ୍ମଘାତୀ ବହୁ ପଦକ୍ଷେପ ଆମର କ୍ଷୁଦ୍ରମନ୍ୟତା, ଆମର ଛଦ୍ମ ଧର୍ମୀ ନେତୃବୃନ୍ଦଙ୍କର ଉଲଗ୍ନ ସ୍ୱାର୍ଥ ଓ ଆମ ସମସ୍ତଙ୍କ ବିନାଶବୁଦ୍ଧି ଦାୟୀ । ଆମର ଦୟନୀୟ ଅବସ୍ଥା ପାଇଁ ବିଗତକୁ ଦାୟୀ କରା'ନ ଯାଉ ।

ଫଟୋଗ୍ରାଫି

ଅଧ୍ୟାପକ ଦେବକାନ୍ତ ମିଶ୍ର

ଫଟୋଗ୍ରାଫିର ସୁଦୂରପ୍ରସାରୀ ପ୍ରୟୋଗ ହେତୁ ଆଧୁନିକ ଯୁଗରେ ସମୁନ୍ନତ ବିଜ୍ଞାନାଶ୍ରୟୀ ସଭ୍ୟତାର ବିକାଶ ଦ୍ରୁତ ବେଗରେ ଆଗେଇ ଚାଲିଛି । ପ୍ରକୃତିର ଗୋପନ ରହସ୍ୟଗୁଡ଼ିକୁ ଉଦ୍ଭାବନ କରିବା ପୂର୍ବକ ନିଜ ଅଦମ୍ୟ କୌତୂହଳର ଅବସାନ ଘଟାଇବା ପାଇଁ ଏହି ବିଚକ୍ଷଣ ଯନ୍ତ୍ର କୌଶଳ ବିଶେଷ ଭାବରେ ସାହାଯ୍ୟ କରିପାରୁଛି । ଏତଦ୍ୱାରା ବୈଜ୍ଞାନିକ ଗବେଷଣାର ମାନ ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ଦିନକୁ ଦିନ ବିଜ୍ଞାନ ଜଗତରେ ବହୁ ଯୁଗ ସୃଷ୍ଟିକାରୀ ଉଦ୍ଭାବନ ସଂଘଟିତ ହୋଇପାରୁଛି । ଏହି ଯନ୍ତ୍ର କୌଶଳରେ ପାରଙ୍ଗମତା ହାସଲ କରି ଏବଂ ଏହାକୁ ଏକ ବୃତ୍ତିରୂପେ ଆଦରି ନେଇ ବହୁ ବୈଜ୍ଞାନିକ, ସାମ୍ବାଦିକ ଓ କାରିଗର ନିଜର ଜୀବିକା ନିର୍ବାହ କରିପାରୁଛନ୍ତି ।

ଯେଉଁ ବସ୍ତୁଗୁଡ଼ିକୁ ଆମେ ଦେଖି ପାରିବା ନାହିଁ, ସେଗୁଡ଼ିକର ଫଟୋଗ୍ରାଫ ଉତ୍ତୋଳନ କରାଯାଇ ତତ୍‌ସମ୍ବନ୍ଧୀୟ ପର୍ଯ୍ୟାପ୍ତ ତଥ୍ୟରାଜି ସଂଗ୍ରହ କରାଯିବା ସମ୍ଭବ ହୋଇଛି । ବହୁ ଆଲୋକ ବର୍ଷ ଦୂରରେ ଥିବା ଜ୍ୟୋତିଷ୍କଗୁଡ଼ିକର ପୃଷ୍ଠ ଦେଶର ଫଟୋ ଉତ୍ତୋଳନ କରାଯାଇ ଜ୍ୟୋତିର୍ବିଜ୍ଞାନର ଜ୍ଞାନ ଭଣ୍ଡାରରେ ବହୁବିଧ ଉପାଦେୟ ତଥ୍ୟରାଜି ସଂରକ୍ଷିତ କରାଯିବା ସମ୍ଭବ ହୋଇଛି । ଚିକିତ୍ସା ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ, ରସାୟନ ଶାସ୍ତ୍ର ପ୍ରଭୃତି ବିଜ୍ଞାନର ବିଭିନ୍ନ ବିଭାଗଗୁଡ଼ିକର କ୍ରମୋନ୍ନତି ସାଧନ ଉଦ୍ଦେଶ୍ୟରେ ଫଟୋଗ୍ରାଫକୁ ହିଁ ଏକ ମୁଖ୍ୟ ଆୟୁଧରୂପେ ବିନିଯୋଗ କରାଯାଉଛି । ବିଗତ ଦଶନ୍ଧି ମଧ୍ୟରେ ଲେଜର୍ ନିର୍ଗତ ଶୃଙ୍ଖଳ ଶକ୍ତିଶାଳୀ ଆଲୋକ ରଶ୍ମିର ବିନିଯୋଗରେ ଫଟୋଗ୍ରାଫ୍ ଉତ୍ତୋଳନ କରାଯିବା ନିମନ୍ତେ ଏକ ଅଭିନବ ଧରଣର ଯନ୍ତ୍ରକୌଶଳର ସାହାଯ୍ୟ ନିଆଯାଉଛି । ଏହି ଯନ୍ତ୍ର କୌଶଳକୁ ବୈଜ୍ଞାନିକମାନେ ହଲୋଗ୍ରାଫି ନାମରେ ନାମିତ କରିଛନ୍ତି । ଏତଦ୍ୱାରା ଫଟୋଗ୍ରାଫି ଯନ୍ତ୍ର ମଧ୍ୟରେ କୌଣସି ଏକ ବସ୍ତୁର ତ୍ରିପରିସରୀୟ ପ୍ରତିବିମ୍ବକୁ ଅବଲୋକନ କରିବା ସମ୍ଭବ ହୋଇଛି । ଅବଶ୍ୟ ଅତି ନୀଳି ଆଲୋକ ରଶ୍ମି, ଅତି-ବାଇଗଣୀ ରଶ୍ମି ରଞ୍ଜନ ରଶ୍ମି ଲେଜର୍ ନିର୍ଗତ ଶକ୍ତିଶାଳୀ ଆଲୋକ ରଶ୍ମି. ଦୃଶ୍ୟମାନ ଆଲୋକ ରଶ୍ମି (ବୋରନିଶ ହଲନା) ସାହାଯ୍ୟରେ ଫଟୋଗ୍ରାଫ୍ ଉତ୍ତୋଳନ କରିବା ପାଇଁ ବିଭିନ୍ନ ପ୍ରକାର ଫଟୋ ଉତ୍ତୋଳନକାରୀ ଯନ୍ତ୍ର ବା କ୍ୟାମେରା ବ୍ୟବହାର କରାଯାଉଛି । ରଙ୍ଗିନ ଫଟୋଗ୍ରାଫ୍ ଉତ୍ତୋଳନ କରିବା ପାଇଁ ନୂତନ ଧରଣର ଫିଲ୍‌ଟରଗୁଡ଼ିକର ପ୍ରୟୋଗ, ଯବକାଚ ମାଧ୍ୟମରେ ଆଲୋକ ରଶ୍ମି ବା ଉଲ୍ଲିଖିତ ବିଦ୍ୟୁତ-ଚୁମ୍ବକୀୟ ବର୍ଣ୍ଣାଳୀ ଅନ୍ତର୍ଭୁକ୍ତ ଯେ କୌଣସି ଏକ ରଶ୍ମିର ପ୍ରତିସରଣ ଘଟାଇ ଫିଲ୍‌ମ ଉପରେ ପ୍ରତିସରିତ ପ୍ରତିବିମ୍ବକୁ ନିଖୁଣ ଭାବରେ ଫୋକସ କରାଇବା ପାଇଁ ଅଧିକ କର୍ମନିପୁଣ ଯବକାଚଗୁଡ଼ିକର ନିର୍ମାଣ ଫିଲ୍‌ମକୁ ଆଲୋକ ରଶ୍ମିଦ୍ୱାରା ଯଥା ସମୟରେ ଉଦ୍ଭାସିତ କରିବା ପାଇଁ ସ୍ୱୟଂକ୍ରିୟ ସଟର୍‌ଗୁଡ଼ିକର ନିର୍ମାଣ, ଉଲ୍ଲିଖିତ ବିଭିନ୍ନ ରଶ୍ମିଗୁଡ଼ିକର ବିନିମୟରେ ଫଟୋ ଉତ୍ତୋଳନ କରିବା ପାଇଁ ସେଗୁଡ଼ିକଦ୍ୱାରା ପ୍ରଭାବିତ ହୋଇ ପାରୁଥିବା ଫିଲ୍‌ମ ପ୍ରସ୍ତୁତ କରିବା ପାଇଁ ନୂଆ ନୂଆ ରାସାୟନିକ ପଦ୍ଧତିଗୁଡ଼ିକର ଚମତ୍କାରୀ ପ୍ରୟୋଗ, ସମୁଦ୍ରର ଅତଳ ଜଳରାଶି ମଧ୍ୟରେ ନିମଜ୍ଜିତ ରହି କୌଣସି ଏକ ଦୃଶ୍ୟର ଫଟୋଗ୍ରାଫ୍ ଉତ୍ତୋଳନ କରିବା ପାଇଁ ବ୍ୟବହୃତ ହେଉଥିବା କାମେରାର ବାହ୍ୟ ଆବରଣ ତଥା ଆଲୋକ ସଜ୍ଜାକୁ ସମୁନ୍ନତ କରିବା ପାଇଁ ଅଭିନବ କୌଶଳଗୁଡ଼ିକର ଉଦ୍ଭାବନ ପ୍ରଭୃତି ବିଭିନ୍ନ କାର୍ଯ୍ୟରେ ଆତ୍ମନିୟୋଗ କରି ବୈଜ୍ଞାନିକମାନେ ଦିନକୁ ଦିନ ଫଟୋଗ୍ରାଫି ବିଦ୍ୟାର ପ୍ରଭୂତ ଉନ୍ନତି ଘଟାଇ ପାରୁଛନ୍ତି । ଏତଦ୍ୱାରା ଫଟୋଗ୍ରାଫର ମାନ ଉନ୍ନତ କରିବା ସଙ୍ଗେ ସଙ୍ଗେ ଫଟୋଗ୍ରାଫ୍ ଉତ୍ତୋଳନ କରିବାର କୌଶଳ ମଧ୍ୟ ସହଜ କରାଯାଇଛି । ତେଣୁ ଜଣେ ନିରକ୍ଷର ବ୍ୟକ୍ତି ମଧ୍ୟ ଫଟୋଗ୍ରାଫିକୁ ନିଜର ବୃତ୍ତିରୂପେ ଆଦରି ନେବାକୁ ଆଗେଇ ଆସୁଛନ୍ତି ।

'ଆଇନ୍ ଷ୍ଟାଇନ୍ ସାଇନ୍ସ କ୍ଲବ'ର ସଭ୍ୟମାନେ ଗୋଟିଏ ଫଟୋଗ୍ରାଫି ପରୀକ୍ଷାଗାର ସ୍ଥାପନା କରି ତାର ଉଦ୍‌ଘାଟନାର୍ଥେ ଯେଉଁ ଉତ୍ସବକୁ ପାଳନ କରୁଛନ୍ତି, ତତ୍‌ସଂଶ୍ଳିଷ୍ଟ କାର୍ଯ୍ୟକ୍ରମରେ ଅବିସ୍ମରଣୀୟ ବୈଜ୍ଞାନିକ କୋପେର୍ନିକସ୍‌ଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି । ଐତିହାସିକ ଦୃଷ୍ଟିକୋଣରୁ ଏପରି ଏକ ଘଟଣା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବୋଧ ହେଉଛି । କୋପେର୍ନିକସ୍‌ଙ୍କ ପୂର୍ବବର୍ତ୍ତୀ ଓ ତାଙ୍କ ସମସାମୟିକ ଚିନ୍ତାନାୟକମାନେ ବିଶ୍ୱର ଗଠନ ଓ ପ୍ରକୃତି ସମ୍ବନ୍ଧୀୟ ଚିନ୍ତାଧାରା ପରିବେଷଣ କରିବାପାଇଁ କେବଳ ନିଜ ନିଜର ଅନ୍ତର୍ଜ୍ଞାନର (Intuition) ଆଶ୍ରୟ ନେଉଥିଲେ । ସେମାନଙ୍କ ଚିନ୍ତାଶକ୍ତି ଏତେ ପ୍ରଖର ଥିଲା ଯେ କୌଣସି ଅଭିଜ୍ଞତା ପରିଚାଳିତ ନ କରି ବା କୌଣସି ପ୍ରାମାଣିକ ତଥ୍ୟକୁ ଭିତ୍ତି ନ କରି ସେମାନେ ବିଜ୍ଞାନର ସମୃଦ୍ଧି ସାଧନ କରିପାରୁଥିଲେ । ମାତ୍ର ଏପରି ଆବିଷ୍କାରଗୁଡ଼ିକ ପ୍ରାମାଣିକ ତଥ୍ୟ ଅଭାବରୁ ଜନସାଧାରଣଙ୍କର ହୃଦୟସ୍ପର୍ଶୀ ହେଉ ନ ଥିଲା । ପ୍ରକୃତିର ରହସ୍ୟ ଉନ୍ମୋଚନାର୍ଥେ ଚିରନ୍ତନ ସତ୍ୟଗୁଡ଼ିକୁ ଉଦ୍ଭାବନ କରିଥିଲେ ମଧ୍ୟ କୋପେର୍ନିକସ୍ ଓ ତାଙ୍କ ସମସାମୟିକ ଭାବୁକମାନଙ୍କୁ ବହୁ ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଥିଲା । କୁସଂସ୍କାରାଚ୍ଛନ୍ନ ଧର୍ମଭୀରୁ ମନୁଷ୍ୟ ସେମାନଙ୍କ ଦ୍ୱାରା ଉଦ୍‌ଘୋଷିତ ଚିନ୍ତାଧାରାକୁ ସତ୍ୟରୂପେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥିଲେ ଏବଂ ଧର୍ମଯାଜକମାନଙ୍କୁ ପ୍ରଭାବିତ କରି ସମାଜର ପ୍ରତିପତ୍ତିସମ୍ପନ୍ନ ବ୍ୟକ୍ତିମାନେ ସେମାନଙ୍କ ପ୍ରତି ଶାରୀରିକ ଦଣ୍ଡବିଧାନ ମଧ୍ୟ କରିଥିଲେ । ମାତ୍ର ଆଜିର ବୈଜ୍ଞାନିକ ଆଉ ସେପରି ପରିସ୍ଥିତିର ସମ୍ମୁଖୀନ ହେଉ ନାହିଁ । ଫଟୋଗ୍ରାଫିର ଉଦ୍ଭାବନ ସଂଘଟିତ ହେବା ପରେ ବିଭିନ୍ନ ପ୍ରକାର ରଶ୍ମି ସାହାଯ୍ୟରେ ଫଟୋ ଉତ୍ତୋଳନ କରି ବୈଜ୍ଞାନିକମାନେ ଦୂରଦୂରାନ୍ତର ଜ୍ୟୋତିଷ୍କଗୁଡ଼ିକର ପୃଷ୍ଠଦେଶରୁ ବିକିରିତ ହେଉଥିବା ଆଲୋକ ବର୍ଣ୍ଣାଳୀକୁ ଲକ୍ଷ୍ୟ କରିବାକୁ ସମର୍ଥ ହେ ଛନ୍ତି । ସୁଗ୍ରାହୀ ବର୍ଣ୍ଣକ୍ରମମାପୀ ସାହାଯ୍ୟ ନେଇ ସେମାନେ ଫଟୋଗ୍ରା ପ୍ଲେଟ୍ ବା ଫିଲ୍‌ମ୍ ଉପରେ ବର୍ଣ୍ଣାଳୀ ଲନ କରିବା ପୂର୍ବକ ତାର ପୁଙ୍ଖାନୁପୁଙ୍ଖ କରି ଉକ୍ତ ଜ୍ୟୋତିଷ୍କର ପୃଷ୍ଠ ଦେଶରୁ କରିଥିବା ଉପାଦାନଗୁଡ଼ିକ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରୁଛନ୍ତି । ଯେଉଁ ଯେଉଁ ପ୍ରକାର ଆଲୋକ ରଶ୍ମି ଓ ପ୍ରକାର କାମେରା ବ୍ୟବହାର କଲେ ଧରଣର ଫଟୋ ଉତ୍ତୋଳନ କରା ପାରିବ, ସେଠାରେ ସେହିପରି ଯନ୍ତ୍ର କୌଶଳ ସାହାଯ୍ୟ ନିଆଯାଉଛି । ପୁଣି, ବେତାର ଜ୍ୟୋତିର୍ବିଜ୍ଞାନର ଉଦ୍ଭାବନ ଯୋଗୁଁ ବେତାର ଦୂରବୀକ୍ଷଣ ଯନ୍ତ୍ର ସହାୟତାରେ ସୁଦୂ ଜ୍ୟୋତିଷଗୁଡ଼ିକର ଅବସ୍ଥିତି ଓ ସେମାନଙ୍କ ପ୍ରକୃତି ସମ୍ବନ୍ଧରେ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ର କରାଯାଉଛି । ଏହି କୌଶଳ ଅବଲମ୍ବନରେ ନିକଟ ଅତୀତରେ କ୍ୱେଜର, ପଲ୍ସା ନାମଧେୟ ବିଚିତ୍ର ଧରଣର ଭୌତିକ ପ୍ରଦର୍ଶନ କରୁଥିବା ଜ୍ୟୋତିଷଗୁଡ଼ିକୁ ଆବି କରିବା ସମ୍ଭବ ହୋଇଛି । ଅତ୍ୟାଧୁ ଲେଜର୍ ନିର୍ଗତ ସୁଶୃଙ୍ଖଳ ଆଲୋକ ର ଜ୍ୟୋତିର୍ବିଜ୍ଞାନର ପ୍ରଗତି ପଥରେ ଏକ ଆ ରୂପେ ବ୍ୟବହାର କରିବା ପାଇଁ ସୁପରିକଳ୍ପ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଗଲ ହଲୋଗ୍ରାଫିର ପ୍ରୟୋଗ ଜ୍ୟୋତିର୍ବିଜ୍ଞା ସମୃଦ୍ଧିକୁ ଯେ ତ୍ୱରାନ୍ୱିତ କରି ଦେବ, ଏ ସନ୍ଦେହର ଅବକାଶ ନାହିଁ । ତେଣୁ ବୈଜ୍ଞାନିକ ଏକ ତତ୍ତ୍ୱ ଉପସ୍ଥାପନା ବେଳେ, ପ୍ରାମାଣିକ ତଥ୍ୟରାଜିର ହେତୁ ତାହା ସମସ୍ତଙ୍କର ହୃଦବୋଧ ଯଦି ବା ତତ୍ତ୍ୱଟିକୁ ସମର୍ଥନ କ ପ୍ରାମାଣିକ ତଥ୍ୟ ନ ଥାଏ, ତ ଉଦ୍ଭାବିତ ହୋଇଥିବା ଯନ୍ତ୍ର କୌଶ ବିନିମୟରେ ଅଚିରେ ତାଙ୍କ ତତ୍ତ୍ୱଟି ପନ କରାଯାଇଛି । ତେଣୁ କୋପେର୍ନିକସ୍ ଯୁଗର ଚିନ୍ତାନାୟ ପରି ମାନସିକ ଯନ୍ତ୍ରଣା ଶାରୀରିକ କୌଣସି ଅବାଞ୍ଛିତ ପରିସ୍ଥିତିର ହେବାକୁ ପଡ଼ୁ ନାହିଁ ।

ଜ୍ୟୋତିର୍ବିଜ୍ଞାନର ସମୃଦ୍ଧି ଫଟୋଗ୍ରାଫର ଉପାଦେୟତା ସ୍ପଷ୍ଟୀକରଣ ପ୍ରଦାନ କରାଗଲା । ଭାବରେ ଆନୁଷଙ୍ଗିକ ଉପକରଣ ଓ ଗ୍ରାଫିର ପ୍ରୟୋଗ ହେତୁ ବିଜ୍ଞାନର ବିଭାଗଗୁଡ଼ିକର କ୍ରମୋନ୍ନତି ସାଧିତ 'ଆଇନ୍ ଷ୍ଟାଇନ୍ ସାଇନ୍ସ କ୍ଲବ'ର ସ ନିଜର ସୀମିତ ସମ୍ବଳ ମଧ୍ୟରେ ଯେ ଫଟୋଗ୍ରାଫିକ ପରୀକ୍ଷାଗାର ପ୍ରତିଷ୍ଠା ପାରିଛନ୍ତି, ଏହା ଅତି ସୁଖର କଥା । ଶିକ୍ଷାକୁ ଫିଲ୍‌ମ୍ ମାଧ୍ୟମରେ ଅଧିକ କରି ଦେବା ପାଇଁ ବିଜ୍ଞାନର ଅବଦାନକୁ ଜନସାଧାରଣଙ୍କ ନିକଟରେ ଉପସ୍ଥା କରାଇବା ପାଇଁ, ବିଜ୍ଞାନର ପ୍ରୟୋଗ ଦେଶର କିପରି ଅଗ୍ରଗତି ସାଧିତ ହେ ତତ୍‌ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପ୍ରଦାନ କ